## ତାଣ୍ଡବ ରଚିଲା କାଳବୈଶାଖୀ

# ଚାଷୀ ଅଣ୍ଟା ଭାଙ୍ଗିଦେଲା କୁଆପଥର

ବଲାଙ୍ଗିର,୭ ।୪(ସମିସ)



ବଲାଙ୍ଗିର ଜିଲ୍ଲାରେ ସୋମବାର ଅତିର୍କିତ ଭାବେ କାଳବୈଶାଖୀ ପ୍ରଭାବରେ ହୋଇଥିବା ପ୍ରବଳ କୁଆପଥର ବର୍ଷା ଚାଷୀର ପରିଶ୍ରମକୁ ଉଜାଡି ଦେଇଛି । କୁଆପଥର ମାଡରେ ରବିଧାନ, ପରିବା ଓ ଡାଲିଜାତୀୟ ଚାଷ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । କେନ୍ଦୁପତ୍ର ମଧ୍ୟ ଅଧିକ ଭାବେ ପ୍ରଭାବିତ ହୋଇଛି । ଜିଲ୍ଲାର ପାଟଣାଗଡ, ବେଲପଡା ଓ ଆଗଲପୁର ବ୍ଲକର କିଛି ସ୍ଥାନରେ ଚାଷ କ୍ଷୟକ୍ଷତି ହୋଇଥିବା ନେଇ ଅଭିଯୋଗ ହୋଇଛି । କୃଷି ବିଭାଗ କ୍ଷୟକ୍ଷତି ଆକଳନ ଆରମ୍ଭ କରିଛି । କ୍ଷତିଗ୍ରସ୍ତ ଚାଷୀ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି । ତୁରନ୍ତ ଫସଲବୀମା କ୍ଷତିପୂରଣ କରିବା ଦିଗରେ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

ବଲାଙ୍ଗିର ଜିଲ୍ଲାରେ କାଳବୈଶାଖୀ ଚାଷୀଙ୍କ ଫସଲ ଉଜାଡି ଦେଇଛି । ରବି ସମୟରେ ଜିଲ୍ଲାରେ ହେଉଥିବା ପରିବା ଚାଷ, ଧାନ ଚାଷ ଓ ଡାଲିଜାତୀୟ ଚାଷ ପାଇଁ ଚାଷୀ ଅନେକ ପରିଶ୍ରମ କରିଥିଲେ । କିଛି ମିନିଟର କୁଆପଥର ବର୍ଷା ସେମାନଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । କିଛି ଘଣ୍ଟା ଧରି ଜମିରେ ବରଫପାତ ଭଳି କୁଆପଥରର ଆବରଣ ସୃଷ୍ଟି ହୋଇଥଲା । ଏହା ଫସଲକୁ ବିଶେଷ ଭାବେ କ୍ଷତି କରିଛି । ସୋମବାର ଅପରାହ୍ନରେ ବଲାଙ୍ଗିର ଜିଲ୍ଲାର ପାଟଣାଗଡ, ବେଲପଡା, ଖପ୍ରାଖୋଲ ଓ ଆଗଲପୁର ବ୍ଲକର କିଛି ସ୍ଥାନରେ ପ୍ରବଳ ବର୍ଷା ହେବା ସହ ପବନ ଓ କୁଆପଥର ବର୍ଷା ହୋଇଥିଲା । ଏହାର ପ୍ରଭାବରେ ଏହି ସ୍ଥାନରେ ହୋଇଥିବା ରବି ଧାନ, ପରିବା ଚାଷ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ପାଟଣାଗଡ ବ୍ଲକର ପାଟଣାଗଡ, ବାଘମୁଣ୍ଡ, ସଲଣ୍ଡି, ଘସିଏନ, ଡାଙ୍ଗବାହାଲ, ଯୁଗୀମୁଣ୍ଡାରେ କୁଆପଥର ବର୍ଷା ହୋଇଥିଲା । ସେହିପରି ବେଲପଡା ବ୍ଲକର ଦରୋମୁଣ୍ଡା, ମଣ୍ଡଲ, ନୁନହାଡ, ବେଲପଡା, ରେଙ୍ଗାଲି, ଘାଗୁର୍ଲି ଅଞ୍ଚଳରେ କୁଆପଥର ବର୍ଷାରେ ବିଶେଷ ଭାବେ ଫସଲ ନଷ୍ଟ ହୋଇଛି । ଅନ୍ୟପକ୍ଷରେ ଖପ୍ରାଖୋଲ ବ୍ଲକର ଚଉଁରିଆ, ରେଙ୍ଗାଲଜୁରୀ, ଗମ୍ଭାରୀ, ଲୁହାସିଂହା ଅଞ୍ଚଳର ଅନେକ ଗାଁରେ ଚାଷୀ କରିଥିବା ଫସଲ କୁଆପଥର ମାଡରେ ନଷ୍ଟ ହୋଇଛି । ଆଗଲପୁର ବ୍ଲକ ଝରନୀପାଲି ଅଞ୍ଚଳରେ ମଧ୍ୟ ରବିବାର କୁଆପଥର ବର୍ଷା ହୋଇଛି । ଏହି ଅଞ୍ଚଳରେ ମଧ୍ୟ କେତେକାଂଶରେ ଫସଲ ନଷ୍ଟ ହୋଇଛି । କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ବ୍ଲକ କୃଷି ଅଧିକାରୀମାନେ ନେତୃତ୍ୱ ନେଇଛନ୍ତି । କେତେ ଫସଲ ନଷ୍ଟ ହୋଇଛି ତାହାର ଏକ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ଲୋଇସିଂହା, ଆଗଲପୁର, ପାଟଣାଗଡ଼, ବେଲପଡ଼ା, ଖପ୍ରାଖୋଲ ଏବଂ ବଙ୍ଗୋମୁଣ୍ଡା ଭଳି ୬ଟି ବ୍ଲକର ୫୪ଟି ପଞ୍ଚାୟତ ଅଧୀନରେ ଥିବା ୨୪୧ଟି ଗ୍ରାମର ମୋଟ ୨୫୨୨ ହେକ୍ଟର ଚାଷ ଜମି କୁଆପଥର ମାଡରେ ପ୍ରଭାବିତ ହୋଇଛି । ଏଥିମଧ୍ୟରୁ ୧୪୧୨ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଅଧିକ କ୍ଷୟକ୍ଷତି ହୋଇଛି । ଯେଉଁଥିରେ ୩୧୦ ହେକ୍ଟର ଧାନ ଚାଷ ଏବଂ ୧୧୦୨ ହେକ୍ଟର ଅଣ-ଧାନ ଚାଷ ଅନ୍ତର୍ଭୁକ୍ତ । ଅବଶିଷ୍ଟ ୧୧୧୦ ହେକ୍ଟର ଜମିରେ ୩୩ ପ୍ରତିଶତରୁ କମ୍ କ୍ଷତି ହୋଇଥିବା ରେକର୍ଡ କରାଯାଇଛି । ଯେଉଁଥିରେ ୪୯୫ ହେକ୍ଟର ଧାନ ଏବଂ ୬୧୬ ହେକ୍ଟର ଅଣ-ଧାନ ଚାଷ ରହିଛି ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା ସୂଚନା ଦେଇଛନ୍ତି ।

ତେବେ ଏହି କାଳବୈଶାଖୀ ବର୍ଷା ଓ କୁଆପଥର ମାଡରେ କେବଳ ଫସଲ ହାନୀ ହୋଇଛି ତାହା ନୁହଁ; ଜିଲ୍ଲାରେ ବହୁ ପରିମାଣର କେନ୍ଦୁପତ୍ର ମଧ୍ୟ ନଷ୍ଟ ହୋଇଛି । କେନ୍ଦୁପତ୍ର ତୋଳା ପ୍ରକ୍ରିୟା କ୍ରମେ ଗୋଛାକଟା ସରିବା ପରେ ନୂତନ କେନ୍ଦୁପତ୍ର ବାହାରିବା ଆରମ୍ଭ ହୋଇଥିଲା । ଏହାକୁ କେନ୍ଦୁପତ୍ର ତୋଳାଳିମାନେ ତୋଳି ବିକ୍ରି କରିବା ପରେ ଦୁଇ ପଇସା ରୋଜଗାର କରନ୍ତି । ପାଟଣାଗଡ, ଆଗଲପୁର, ବେଲପଡା ଓ ଖପ୍ରାଖୋଲ ବ୍ଲକରେ ଉଚ୍ଚମାନର ଅଧିକ କେନ୍ଦୁପତ୍ର ସଂଗ୍ରହ କରାଯାଇଥାଏ । ଏହି କୁଆପଥର ମାଡ ଯୋଗୁ ଏହା ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ପ୍ରକାଶ ପାଇଛି । କୁଆପଥର ମାଡରେ ପ୍ରଭାବିତ ଅଞ୍ଚଳରେ ନାଲି ଟୁକୁଟୁକୁ କେନ୍ଦୁପତ୍ର ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ଏହି ଅଞ୍ଚଳର କେନ୍ଦୁପତ୍ର ତୋଳାଳି ଏବେ ଚିନ୍ତାରେ ପଡିଛନ୍ତି । ଚାଷୀଙ୍କ ଭଳି ଏହି କେନ୍ଦୁପତ୍ର ତୋଳାଳିଙ୍କୁ ମଧ୍ୟ କ୍ଷତି ଆକଳନ କରି ସେମାନଙ୍କ ପାଇଁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି ।

- ଉଜୁଡିଗଲା ହେକ୍ଟର ହେକ୍ଟର ଫସଲ
- ରବି ଧାନ ଓ ପରିବା ଚାଷ ନଷ୍ଟ
- ନଷ୍ଟ ହୋଇଗଲା ନାଲି ଟୁକୁଟୁକୁ କେନ୍ଦୁପତ୍ର
- କ୍ଷତିପୂରଣ ଭରସାରେ ଚାଷୀ ଓ ତୋଳାଳି

## ଓଡ଼ିଆ ପକ୍ଷ ଅବସରରେ ଶିଶୁ କଥା ଦିବସ



ବଲାଙ୍ଗିର,୭।୪(ସମିସ): ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ପ୍ରାକ୍ଟିସିଂ ବିଦ୍ୟାଳୟଠାରେ 'ଶିଶୁ କଥା ଦିବସ' ପାଳିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ନିମନ୍ତ୍ରିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ସମ୍ମାନୀତ ଅତିଥି ଭାବେ ସିଆରସିସି ଗିରିଶ ବେହେରା ଯୋଗ ଦେଇଥିଲେ । ଶିଶୁ ବାଟିକାର ୧୫ଜଣ ଶିଶୁଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ଓ ପ୍ରଥମରୁ ପଞ୍ଚମ ଶ୍ରେଣୀର ୩୫ଜଣ ଛାତ୍ରଛାତ୍ରୀଙ୍କୁ ଶିଶୁଲେଖା ପୁସ୍ତକ ବଣ୍ଟନ କରାଯାଇଥିଲା । ଶିଶୁମାନେ ସମାଜର ସବୁଠାରୁ ମୂଲ୍ୟବାନ ସମ୍ପଦ । ଶିଶୁଙ୍କ ଭାଷା ଓ ଚିନ୍ତନ ଶକ୍ତିକୁ ଉନ୍ନତ କରିବା ପ୍ରଥମ କର୍ତ୍ତବ୍ୟ । ସେମାନଙ୍କ ଶିକ୍ଷା, ସଂସ୍କାର ଓ ଚିନ୍ତାଧାରା ଉପରେ ଦେଶର ଭବିଷ୍ୟତ ନିର୍ଭର କରେ ବୋଲି ଶ୍ରୀ ସୁନା କହିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ଶିକ୍ଷୟିତ୍ରୀ ଯମୁନାବାଲା ମଲ୍ଲିକ, ମୀନା ପଧାନ, ମମତା ରଥ, ଯୋଗମୟୀ ଗେକୋ, ପାଚିକା ଜୟା ପୋଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

## କ୍ଷତିପୂରଣ ଦାବି ନେଇ ଚଙ୍ଗରିଆରେ ଗଣଧାରଣା

ପାଟଣାଗଡ,୭ ।୪(ସମିସ): ସୋମବାର ଅପରାହ୍ନରେ ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳର ପାଟଣାଗଡ଼, ବେଲପଡା ଓ ଖପ୍ରାଖୋଲ ବ୍ଲକର ବିଭିନ୍ନ ସ୍ଥାନରେ ପ୍ରବଳ କୁଆପଥର ମାଡ଼ ହେବା ସହ କାଳବୈଶାଖୀ ତାଣ୍ଡବ ରଚିଛି । କୁଆପଥର ବର୍ଷା ଏପରି ଥିଲା ଯେ ରାସ୍ତା, ବିଲ, ଘର ଉପରେ ବରଫରେ ଢାଙ୍କି ହୋଇ କିଛି ସମୟ ପାଇଁ କାଶ୍ମୀରର ଭ୍ରମ ସୃଷ୍ଟି ହୋଇଥିଲା । ଏହାଫଳରେ ଉପଖଣ୍ଡ ଅଞ୍ଚଳର ହଜାର ହଜାର ହେକ୍ଟର ଧାନ, ତରଭୁଜ, ଟମାଟୋ, ବାଇଗଣ, ଫୁଲ ସହ ଅନ୍ୟାନ୍ୟ ଚାଷ କୁଆପଥର ମାଡ଼ରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସେଥିଯୋଗୁଁ ଚାଷୀ ମୁଣ୍ଡରେ ଚଡକ ପଡିଛି । ବିଶେଷ ଭାବେ ଖପ୍ରାଖୋଲ ବ୍ଲକର ଚଙ୍ଗରିଆ ଓ ରେଙ୍ଗାଲଜୁରୀ ଗାଁରେ ଥିବା ଅଧିକାଂଶ ଆଜବେଷ୍ଟର ଓ ଟାଲଛପର ଘରଗୁଡିକ ପ୍ରବଳ ପବନ ଓ କୁଆପଥର ମାଡ଼ ଯୋଗୁଁ ଭାଙ୍ଗିରୁଜି ଯାଇଛି । ଏହି ପଞ୍ଚାୟତର ଅନେକ ପରିବାରର ଘର ଭାଙ୍ଗିବା ଯୋଗୁଁ ଘରେ ଥିବା ଚାଉଳ, ମୁଗ, ଡାଲି, ଲୁଗାପଟା ସହ ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଯାଇଛି । ଏହାଫଳରେ କ୍ଷତିଗ୍ରସ୍ତ ଲୋକେ ବାହାରେ ଜୀବନଯାପନ କରିବା ସହ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏନେଇ ପ୍ରଶାସନ ତରଫରୁ କ୍ଷତିଗ୍ରସ୍ତ ପରିବାରଙ୍କୁ ତାରପୋଲିନ କି ରନ୍ଧାଖାଦ୍ୟ ଯୋଗାଣ କରି ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ମଙ୍ଗଳବାର ଚଙ୍ଗରିଆ ସରପଞ୍ଚ ସୁଶୀଲ ଗୁରୁଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ପରିବାର ଓ ଚାଷୀ ଧାରଣା ଦେଇଥିଲେ । ତୁରନ୍ତ କ୍ଷତି ହୋଇଥିବା ଚାଷର ଆକଳନ କରାଯାଇ କ୍ଷତିପୂରଣ ସାଙ୍ଗକୁ କ୍ଷତିଗ୍ରସ୍ତ ପରିବାରକୁ ୧୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଦାବି କରାଯାଇଛି । ଅନ୍ୟପଟେ ପାଟଣାଗଡ଼ ସହର ସମେତ ବ୍ଲକର ଯୋଗିମୁଣ୍ଡା, ପଣ୍ଡାମୁଣ୍ଡା, ବାଙ୍କିବାହାଲ, ପାଢେଲ, ଖପ୍ରାଖୋଲ ବ୍ଲକର ପଡିଆବାହାଲ, ଚଙ୍ଗରିଆ, ରେଙ୍ଗାଲଜୁରୀ ଓ ବେଲପଡା ବ୍ଲକର ଅନ୍ୟାନ୍ୟ ଗାଁ ଗୁଡିକରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ପ୍ରଶାସନିକସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ କୁଆପଥର ମାଡ଼ରେ କ୍ଷତି ଗ୍ରସ୍ତ ଚାଷୀ ଓ ପରିବାରଙ୍କୁ ତୁରନ୍ତ ସାହାଯ୍ୟ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି କାଳବୈଶାଖୀ ପ୍ରଭାବରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା । ଦମକଳ ବାହିନୀ ପହଞ୍ଚି ଗଛକାଟି ରାସ୍ତା ଅବରୋଧ ହଟାଇବାରେ ଲାଗିଛି । ତୁରନ୍ତ ପ୍ରଶାସନ ତରଫରୁ କ୍ଷତି ହୋଇଥିବା ଫସଲର ଆକଳନ କରାଯାଇ ଉଚିତ କ୍ଷତିପୂରଣ ସାଙ୍ଗକୁ କ୍ଷତିଗ୍ରସ୍ତ ପରିବାରକୁ ରନ୍ଧା ଖାଦ୍ୟ, ତାରପୋଲିନ ବଣ୍ଟନ ସହ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି ।



- ପାଟଣାଗଡ଼ରେ ପ୍ରବଳ କୁଆପଥର ମାଡ଼
- ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ସହ ଫସଲ ନଷ୍ଟ
- ତୁରନ୍ତ ଆକଳନ କରାଯାଇ କ୍ଷତିପୂରଣ ଦାବି

## ଉପଜିଲ୍ଲାପାଳଙ୍କୁ ଜିଲ୍ଲା କୃଷକ ମହାସଂଘର ଦାବିପତ୍ର



ପାଟଣାଗଡ଼,୭ ।୪(ସମିସ): ସୋମବାର ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ କୁଆପଥର ବର୍ଷାରେ ଧାନଚାଷ, ପନିପରିବା ଚାଷ, ଉଦ୍ୟାନ ଚାଷ ସହ ବିଭିନ୍ନ ଚାଷ କ୍ଷୟକ୍ଷତି ହୋଇଛି । ଯାଞ୍ଚ କରି ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବିନେଇ ମଙ୍ଗଳବାର ଜିଲ୍ଲା କୃଷକ ମହାସଂଘ ପାଟଣାଗଡ଼ ଉପଜିଲ୍ଲାପାଳଙ୍କୁ ଭେଟିଛି । ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ କ୍ଷତିଗ୍ରସ୍ତ ଚାଷର ଯାଞ୍ଚ କରାଯାଇ ତୁରନ୍ତ କ୍ଷତିପୂରଣ କରାଯାଉ । ରାଜ୍ୟ ବିପର୍ଯ୍ୟୟ ରିହାତି ପାଣ୍ଠିରୁ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଉ । ପରବର୍ତ୍ତୀ ଋତୁରେ ଚାଷ ପାଇଁ ଚାଷୀଙ୍କୁ ସାର, ବିହନ, କୀଟନାଶକ ସହ ଆନ୍ୟାନ୍ୟ କୃଷି ଉପକରଣ ପ୍ରଦାନ କରାଯାଉ । ଏହି ବିପର୍ଯ୍ୟୟକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରି ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି । ସଙ୍ଘ ସଭାପତି ଜତି ପଧାନଙ୍କ ନେତୃତ୍ୱରେ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## କେଜିବିଭି ହଷ୍ଟେଲ କୋଠା ଉଦ୍‌ଘାଟିତ



ଦେଓଗାଁ,୭।୪(ସମିସ): ସାଗରପାଲିସ୍ଥିତ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟର ନବନିର୍ମିତ ହଷ୍ଟେଲ କୋଠା ଉଦ୍‌ଘାଟିତ ହୋଇଛି । ବିଧାୟକ କଳିକେଶ ନାରାୟଣ ସିଂ ଦେଓ ଏହାକୁ ଉଦ୍‌ଘାଟନ କରିଛନ୍ତି । ଏଥିସହ ହାତୀସରା ପଞ୍ଚାୟତ ନାଇକେନସିରାରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରକୁ ମଧ୍ୟ ବିଧାୟକ ସିଂଦେଓ ଉଦ୍‌ଘାଟନ କରିଥିଲେ । ସରପଞ୍ଚ କେଲୋ ଡାଙ୍ଗଙ୍କ ପରିଚାଳନାରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ସେହିଭଳି ବିଧାୟକ ଶ୍ରୀ ସିଂଦେଓ ସାଲେପାଲି ଗସ୍ତରେ ଯାଇ ନିର୍ମାଣ ହେବାକୁ ଥିବା ନୂତନ ପଞ୍ଚାୟତ କୋଠାର ଶିଳାନ୍ୟାସ କରିଥିଲେ । ପରେ ବଡଡୁଙ୍ଗୁରୀପାଲି, ବରକାନୀ, ବାବିଯୋର, ଶିରାବାହାଲ, ଘୁଚିପାଲି, ଅର୍ଡା, ବହଲି ଓ ପର୍ଶୁପାଲି ଗାଁକୁ ଯାଇ ସେଠାରେ ଲୋକଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ବର୍ତ୍ତମାନ ପ୍ରାୟତଃ ଗାଁଗୁଡ଼ିକରେ ପାନୀୟଜଳର ସଙ୍କଟ ରହିଥିବା ଲୋକେ ଅଭିଯୋଗ କରିଥିଲେ । ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ବିଧାୟକ ଲୋକଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୬୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ପ୍ରକଳ୍ପ ନିର୍ମାଣ ପାଇଁ ଦେଓଗାଁକୁ ଲାଗି ରହିଥିବା ସରକାରୀ ଜମି ଚିହ୍ନଟ କରିବା ପାଇଁ ଅତିରିକ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଧାୟକଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ସୁଶୀଳ ଚାନ୍ଦ, ବରିଷ୍ଠ ନେତା ଲକ୍ଷ୍ମଣ ମେହେର, ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜିଲ୍ଲା ପରିଷଦ ସଭ୍ୟା ସୁମତୀ ସେଠ, ଯୁବନେତା ବିଭୂତି ଭୂଷଣ ମିଶ୍ର, ସରପଞ୍ଚ ତ୍ରିଲୋଚନ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

## ଉତ୍ସବମୁଖର ହୋଇଛି ଡେଙ୍ଗ



ସଇନ୍ତଲା,୭ ।୪(ସମିସ): ସଇନ୍ତଲା ବ୍ଲକ୍ ଡେଙ୍ଗ ଗାଁରେ ନୂତନ ମାଉସୀ ମା ମନ୍ଦିର ପ୍ରତିଷ୍ଠା ଓ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ସମଗ୍ର ଗାଁ ଉତ୍ସବ ମୁଖର ହୋଇ ଉଠିଛି । ଜୟକୃଷ୍ଣ ଭୋଇ ଓ ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ଭୋଇ ଯଜ୍ଞ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଛନ୍ତି । ସୁରେଶ ମିଶ୍ର, ପ୍ରମୋଦ ପଣ୍ଡା, ଜୟପ୍ରକାଶ କର, ସାଧୁଚରଣ ଦାଶ, ରାଜେଶ ଦାଶ ପୂଜା ଦାୟିତ୍ୱ ତୁଲାଇଥିଲେ । ବୁଧବାର ଏହି କାର୍ଯ୍ୟକ୍ରମ ଶେଷ ହେବ ।



ଲୋଇସିଂହା ହରେକୃଷ୍ଣ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉଦ୍ଧବ ଚନ୍ଦ୍ର ପଟେଲ ଚାକିରିରୁ ଅବସର ଗ୍ରହଣ କରିବା ପରେ ସହକର୍ମୀମାନେ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି

### ● କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଦୋକାନ ଘର ଯୋଗାଣରେ ବିଳମ୍ବର ପ୍ରତିବାଦ

## ବଣିକ ସଂଘ ପକ୍ଷରୁ ଖପ୍ରାଖୋଲ ବନ୍ଦ

ଖପ୍ରାଖୋଲ,୭ ।୪(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ମୁଖ୍ୟ ରାସ୍ତା ନିର୍ମାଣ ପାଇଁ ଦୋକାନ ଘର ଭଙ୍ଗାଯିବା ଘଟଣାକୁ ବର୍ଷେ ପୂରିଛି; ହେଲେ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଦୋକାନ ଘର ଯୋଗାଣରେ ବିଳମ୍ବ କରାଯାଉଛି । ଏହାର ପ୍ରତିବାଦରେ ବଣିକ ସଂଘ ବନ୍ଦ ଡାକରା ଦେଇଛି । ରାସ୍ତା ନିର୍ମାଣ ପାଇଁ ବର୍ଷେ ତଳେ ମୁଖ୍ୟ ରାସ୍ତା କଡ଼ରେ ଥିବା ଦୋକାନ ଘରଗୁଡ଼ିକ ଭଙ୍ଗା ଯାଇଥଲା । ଆଜିଯାଏଁ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଦୋକାନ ଘର ମିଳିନାହିଁ । ଦୋକାନୀଙ୍କୁ ଦୋକାନ ଘର ଯୋଗାଣ ପାଇଁ ଅନେକ ଥର ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ଏଣୁ ବଣିକ ସଂଘ ମଙ୍ଗଳବାର ଖପ୍ରାଖୋଲରେ ଦୋକାନ ବଜାର ବନ୍ଦ ସହ ଗାଡି ଚଳାଚଳ ବନ୍ଦ ଡାକରା ଦେଇଥିଲା । ଏହାର ପ୍ରଭାବରେ ଖପ୍ରାଖୋଲରେ ଦୋକାନ ବଜାର ବନ୍ଦ ରହିଥିଲା । ସରକାରୀ, ବେସରକାରୀ ଅନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା । ବଣିକ ସଙ୍ଘର ଏହି ବନ୍ଦ ଡାକରାରେ ବିଭିନ୍ନ ସଙ୍ଗଠନଗୁଡିକ ସାମିଲ ହୋଇଥିଲେ । ଏହି ଅବସରରେ ବଣିକ ସଂଘ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲା । ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛି ।



### ● ବଦଳିବ ବଲାଙ୍ଗିର ସହର ବନ୍ଧକଟା ଚିତ୍ର

## ରାଣୀବନ୍ଧ ପୁନଃରୁଦ୍ଧାର କାମର ଶୁଭାରମ୍ଭ

ବଲାଙ୍ଗିର,୭।୪(ସମିସ): ବଲାଙ୍ଗିର ସହରରେ ପ୍ରାୟ ୧୭ଟି ବନ୍ଧ ରହିଛି; କିନ୍ତୁ କୌଣସି ବନ୍ଧର ପାଣି ଉପଯୋଗୀ ହୋଇରହିନାହିଁ । ସେଥିପାଇଁ ଜନଅସନ୍ତୋଷ ଦେଖାଦେଇଥିଲା । ଏବେ ପୌରପାଳିକା ୭ଟି ବନ୍ଧର ପୁନଃରୁଦ୍ଧାର କାମ କରାଇବାକୁ ଯୋଜନା କରିଛି ।



ଚଳିତବର୍ଷ ପ୍ରାୟ ୨୩ କୋଟି ଟଙ୍କା ଖର୍ଚ୍ଚରେ ଏହି ବନ୍ଧଗୁଡିକର ପଙ୍କୋଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାମ କରାଯିବ । ଆଜି ୧୩ ନଂ ୱାର୍ଡରେ ଥିବା ରାଣିବନ୍ଧର ପୁନଃରୁଦ୍ଧାରକାମର ଶୁଭାରମ୍ଭ କରାଯାଇଛି । ବଲାଙ୍ଗିର ବିଧାୟକ କଳିକେଶନାରାୟଣ ସିଂଦେଓ ଏହାର ଶୁଭାରମ୍ଭ କରିଛନ୍ତି । ଅପରାହ୍ନ ୫ଟା ବେଳେ ଟିକ୍ରାପଡାଛକରେ ବିଧାୟକଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଭବ୍ୟ ସ୍ୱାଗତ କରିଥିଲେ । ଦାବି ମୁତାବକ ରାଣିବନ୍ଧର ପୁନଃରୁଦ୍ଧାର କାମ କରାଯାଉଛି । କାଉନସିଲର ଇସମତଆରା ଖାନଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ବିଧାୟକ କଳିକେଶ ସିଂଦେଓଙ୍କୁ ସ୍ୱାଗତ କରିଥିଲେ । ବିଧାୟକଙ୍କୁ ଶୋଭାଯାତ୍ରାରେ ଟିକ୍ରାପଡାଛକରୁ ଦୈନିକବଜାର ଦେଇ ସିନେମାହଲରୋଡ ପଟୁ ରାଣିବନ୍ଧକୁ ନିଆଯାଇଥିଲା । ସେଠାରେ ବିଧାୟକ କଳିକେଶନାରାୟଣ ସିଂଦେଓ, ପୌରାଧକ୍ଷା ଲିକା ସାହୁ, ଉପାଧକ୍ଷା ଗାୟିତ୍ରୀ ଭୋଇ, ପୌର ନିର୍ବାହୀଅଧିକାରୀ ସନ୍ତୋକୁମାର ବେହେରା, କାଉନସିଲର ଇସମତ ଆରା ଖାନ ପୂଜାର୍ଚ୍ଚନା କରି ଉନ୍ନୟନକାମର ଶୁଭାରମ୍ଭ କରିଥିଲେ । ବନ୍ଧ ପାଣି ଶୁଖାଇବାକୁ ଖୋଲାଯାଇଛି । ପାଣି ନିଷ୍କାସନ କରି ଶୁଖିଲେ ପଙ୍କୋଦ୍ଧାର କାମ ଆରମ୍ଭ ହେବ ବୋଲି ପୌରାଧକ୍ଷା ଲିକା ସାହୁ କହିଛନ୍ତି । କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡିନେତା ଭଗବାନ ବଗର୍ତ୍ତି, ପ୍ରଦୀପ ସାହୁ, ପ୍ରକାଶ ନେପାକ, ମୁନା ସାହୁ, ପ୍ରବୀଣ ଦର୍ଜି, ମୁନା ଖାନ, ବିଧୁଭୂଷଣ ତ୍ରିପାଠୀ, ମୁନୁ ପୋଢ, ଚନ୍ଦ୍ରମଣୀ ତ୍ରୀପାଠୀ, ସନ୍ତୋଷ ଦନ୍ତା, କାଉନସିଲର ତଥା ବିଜେଡିନଗର ସଭାପତି ଶମ୍ଭୁ ନାଗ, ୧୬ନଂ କାଉନସିଲର ସନ୍ତୋଷିନୀ କୁଅଁର, ୮ନଂ କାଉନସିଲର ନନ୍ଦିନୀ ପୋଢ, କାଉନସିଲର ସରିତା ଦାସ, ଶତ୍ରୁଘ୍ନ ନାଗ, ଲଲାଟେନ୍ଦୁ ପଟ୍ଟନାୟକ, ଗଙ୍ଗାଧର ଚାନ୍ଦ, ଲେଙ୍କା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପୌରଯନ୍ତ୍ରୀ ଇଂ. କୃଷ୍ଣପ୍ରସାଦ ବେହେରା, କନିଷ୍ଠଯନ୍ତ୍ରୀ ଇଂ. ରୋଜାଲିସା ରାଉ, ଠିକାକାମ ପାଇଥିବା ଦୀପକ ନାଗ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ପୂର୍ବରୁ କନ୍ଦପାଲିବନ୍ଧ, ତାଲପାଲିବନ୍ଧ, ଗେଟ୍ ସରୋବର ଇତ୍ୟାଦି ବନ୍ଧର ପୁନଃରୁଦ୍ଧାର ପାଇଁ ଜଳ ନିଷ୍କାସନ କାମ ଆରମ୍ଭ କରାଯାଇସାରିଛି । ଠିକ୍ ସେହିପରି ଅଧା ହୋଇ ପଡିଥିବା ମହାରାଣୀସାଗର କାମ ମଧ୍ୟ ଆରମ୍ଭ କରାଯାଇସାରିଛି ।

## ଓଡ଼ିଆ ପକ୍ଷ ଅବସରରେ ସ୍ୱଚ୍ଛତା ଅଭିଯାନ




ବଲାଙ୍ଗିର,୭ ।୪(ସମିସ)

ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ଓଡ଼ିଆ ପକ୍ଷ-୨୦୨୬ ପାଳନ ଉପଲକ୍ଷେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସ୍ୱଚ୍ଛ ପରିମଳ, ସୁସ୍ଥ ପରିବେଶ ସ୍ଲୋଗାନକୁ ପାଥେୟ କରି ବ୍ଲକ୍ ଓ ପୌରପରିଷଦ ପ୍ରଶାସନ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ସମୂହ ସଫେଇ କରାଯାଇଥିଲା । ତେବେ ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ବିଡିଓଙ୍କ ନେତୃତ୍ୱରେ ରାଣୀପୁର ଝରିଆଲ ପଞ୍ଚାୟତର ପ୍ରସିଦ୍ଧ ସୋମେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା । ବ୍ଲକର ସମସ୍ତ କର୍ମଚାରୀ ମନ୍ଦିର ପରିସର ସଫା କରି ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ । ଏହି ଶ୍ରମଦାନ କାର୍ଯ୍ୟକ୍ରମରେ ସରପଞ୍ଚ, ଉପାଧ୍ୟକ୍ଷା, ବ୍ଲକ କର୍ମଚାରୀ, ସିଆରପିମାନେ ସାମିଲ ହୋଇଥିଲେ । ଖପ୍ରାଖୋଲ ପଞ୍ଚାୟତ ସମିତି ପକ୍ଷରୁ ମଧ୍ୟ ଐତିହ୍ୟ ପୀଠ ହରିଶଙ୍କର ମନ୍ଦିର ପରିସର ସଫେଇ କରାଯାଇଥିଲା । ବିଡିଓଙ୍କ ନେତୃତ୍ୱରେ ଆୟୋଜିତ ଏହି ସାମୂହିକ ସଫେଇ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ଓ ଜନସାଧାରଣ ଅଂଶ ଗ୍ରହଣ କରିଥିଲେ । ସେହିପରି ବଲାଙ୍ଗିର ପୌରପରିଷଦ ପକ୍ଷରୁ ସ୍ଥାନୀୟ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ପୌରାଧକ୍ଷା ଲିକା ସାହୁ, ଉପାଧକ୍ଷା ଗାୟତ୍ରୀ ଭୋଇ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କ ସହ ନିର୍ବାଚିତ ଜନପ୍ରତିନିଧି, ସ୍ୱଚ୍ଛ ସାଥୀ, ସୁପରଭାଇଜର ଏବଂ କାର୍ଯ୍ୟାଳୟ କର୍ମଚାରୀ ଯୋଗ ଦେଇଥିଲେ । ଏଥିସହିତ ସହରର ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ସଫେଇ କର୍ମୀ ସ୍ୱେଚ୍ଛାକୃତ ଭାବେ ଶ୍ରମଦାନ କରି ପରିବେଶକୁ ସଫା ରଖିବା ପାଇଁ ସଂକଳ୍ପ ନେଇଥିଲେ ।

**ବେଲପଡା:** ସ୍ଥାନୀୟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ନେଇ ଗଣଦୌଡ଼ ଓ ସ୍ୱଚ୍ଛତା ଦିବସ ପାଳିତ ହୋଇଛି । ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ନୋଡାଲ ଅଫିସର ମନୋଜ ମହାଖୁଡ଼ଙ୍କ ଆହ୍ୱାନ କ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥବା ବେଳେ ଅଧ୍ୟାପକ ରମାକାନ୍ତ ପୁଟେଲ ଧନ୍ୟବାଦ ଦେଇଥିଲେ ।



## ଆହତ ହାତୀର ଚିକିତ୍ସା କଲା ବନବିଭାଗ

ଭବାନୀପାଟଣା, ୭ ।୪(ସମିସ): କଳାହାଣ୍ଡି ଉତ୍ତର ବନଖଣ୍ଡ ଅନ୍ତର୍ଗତ କେସିଙ୍ଗା ରେଞ୍ଜର ବଜ୍ରଗଡ଼ ସଂରକ୍ଷିତ ଜଙ୍ଗଲରେ ଏକ ଆହତ ଦନ୍ତା ରହିଥିବା ଖବର ପାଇଥିଲା ବନ ବିଭାଗ। ଦନ୍ତା ସୋମବାର ସକାଳେ ତେଲ ନଦୀ ପାର ହୋଇ ବଲାଙ୍ଗୀର ଡିଭିଜନରୁ କଳାହାଣ୍ଡି ଉତ୍ତର ଡିଭିଜନରେ ପ୍ରବେଶ କରିଥିଲା। ନିୟମିତ ତଦାରଖ ସମୟରେ, ହାତୀ ଅନୁଧ୍ୟାନକାରୀ ଦଳ ହାତୀଟିର ପାଟି ନିକଟରେ ଆଘାତ ଲକ୍ଷ୍ୟ କରିଥିଲେ ଏବଂ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସତର୍କ କରାଇଥିଲେ। ପରେ ଏସିଏଫ୍ ତଥା ଇନ୍‌ଚାର୍ଜ ରେଞ୍ଜ ଅଫିସର ଅସିତ ଦାଶଙ୍କ ନେତୃତ୍ୱରେ ଏଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ।ଉତ୍ତର ବନଖଣ୍ଡ ଅଧିକାରୀ (ଡିଏଫଓ) ରମେଶ କୁମାର ବିଷ୍ଣୋଇ ଘଟଣାସ୍ଥଳକୁ ପହଞ୍ଚି ତୁରନ୍ତ ହାତୀର ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର. କଳାଇ ଭାନନ୍ ଏବଂ ଆଇଏଫଏସ ପ୍ରଭାକର ବର୍ମାଙ୍କ ନେତୃତ୍ୱରେ ଗଠିତ 'ରାପିଡ୍ ରେସପନ୍ସ ଟିମ୍' ହାତୀକୁ ସୁରକ୍ଷିତ ଭାବେ ଟ୍ରାଙ୍କୁଲାଇଜ୍ (ନିଶ୍ଚେତକ ଦେଇ) କରିଥିଲେ। ଏହାପରେ ଭେଟେନାରୀ ଅଫିସର ସଂଗ୍ରାମ କେଶରୀ ବେହେରାଙ୍କ ନେତୃତ୍ୱରେ ଥିବା ପଶୁ ଚିକିତ୍ସକ ଦଳ ହାତୀଟିର ପରୀକ୍ଷା ନିରୀକ୍ଷା କରିଥିଲେ।



ହାତୀ ଦେହରେ କ୍ଷତ ଚିହ୍ନ ଥିବା ସହ ଦୁର୍ବଳତାର ଲକ୍ଷଣ ଦେଖିବାକୁ ମିଳିଥିଲା। ବନ୍ୟପ୍ରାଣୀ ସ୍ୱାସ୍ଥ୍ୟ ପ୍ରୋଟୋକଲ୍ ଅନୁଯାୟୀ ଘଟଣାସ୍ଥଳରେ ହିଁ ଆବଶ୍ୟକୀୟ ଔଷଧ ଏବଂ ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା। ହାତୀର ସୁସ୍ଥତା ଏବଂ ଜଙ୍ଗଲ ଅଞ୍ଚଳରେ ଏହାର ଗତିବିଧି ଉପରେ ନଜର ରଖିବା ପାଇଁ ନିରନ୍ତର ତଦାରଖ କରାଯାଉଛି।

## ଅନ୍ଧାରରେ ନେହେଲାଗାଁ
# ସ୍ୱାଧୀନତାର ୭୦ ବର୍ଷ ପରେ ବିଜୁଳି ସ୍ୱପ୍ନ

ଥୁଆମୂଳରାମପୁର, ୭ ।୪(ସମିସ)

ଆଜିର ଡିଜିଟାଲ ଯୁଗରେ ଯେଉଁଠି ଦେଶ ଉନ୍ନତିର ପଥରେ ଦ୍ରୁତ ଗତିରେ ଆଗକୁ ବଢୁଛି।ସେଠାରେ ଏମିତି କିଛି ଅଞ୍ଚଳ ଆଜିବି ରହିଛି ଯେଉଁଠି ବିକାଶ ପହଞ୍ଚିବା ପୂର୍ବରୁ ମାଝରାସ୍ତାରେ ଅଟକିଯାଉଛି। ସେମାନଙ୍କ ପାଇଁ ମୌଳିକ ସୁବିଧାମାନେ ଆଜି ବି ସ୍ୱପ୍ନ।ଏମିତି ଏକ ଅବହେଳିତ ଗାଁ ହେଉଛି ନେହେଲା, ଯାହା କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକର କାଣିଗୁମା ପଞ୍ଚାୟତ ଅନ୍ତର୍ଗତ ଏକ ଦୁର୍ଗମ ଆଦିବାସୀ ଅଞ୍ଚଳ। ବଣପାହାଡ଼ଘେରା ଏହି ଗାଁ ବର୍ଷରୁ ବର୍ଷ ଧରି ଅବହେଳାରେ ପଡ଼ିରହିଛି। ସ୍ୱାଧୀନତାର ଦୀର୍ଘ ସମୟ ପରେ ସରକାରଙ୍କ ଦୃଷ୍ଟି ଏଠାକୁ ପଡ଼ିଥିଲା। କିଆପଦର ଠାରୁ କାଣିଗୁମା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ହେବାରୁ ନେହେଲା ସହ ଅରଖପେଡ଼ି ଓ ବିଜାପଡ଼ା ଗାଁ ଗୁଡ଼ିକ ଯାତାୟାତ ସୁବିଧା



ପାଇଛନ୍ତି। ଶିକ୍ଷା ଦିଗରେ ଏଠାରେ ମାତ୍ର ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ରହିଛି। ପାନୀୟ ଜଳ ପାଇଁ 'ବସୁଧା' ଯୋଜନାରେ ପ୍ରକଳ୍ପ ହୋଇଥିଲେ ମଧ୍ୟ, ଅନେକ ଘରକୁ ପାଣି ପହଞ୍ଚୁନଥିବା ଅଭିଯୋଗ ରହିଛି। ସବୁଠାରୁ ବଡ଼ ସମସ୍ୟା ହେଉଛି ବିଦ୍ୟୁତ୍। ନେହେଲା ଗାଁରେ ବିଜୁଳି ଆଲୋକ ଆଜି ବି ସ୍ୱପ୍ନ। ସଞ୍ଜ ନଇଲେ ଗାଁରେ ଚାଲେ ଅନ୍ଧାରର ରାଜ୍। ସଂରକ୍ଷିତ ଜଙ୍ଗଲର ପାଦଦେଶରେ ଥିବା ଏହି ଗାଁକୁ ସବୁବେଳେ ରହିଥାଏ ଜଙ୍ଗଲୀ ଜନ୍ତୁଙ୍କ ଭୟ।ନିଶବ୍ଦ ହୋଇପଡେ ଇଲାକା। ଗାଁଲୋକ ଟିଭି, ଫ୍ୟାନ୍ ଭଳି ବିଦ୍ୟୁତ୍ ଉପକରଣ ସମ୍ପର୍କରେ ପ୍ରାୟ ଅଜ୍ଞାତ। ଗାଁରେ ପୂର୍ବରୁ କମ୍ୟୁନିଟି ସୌର ପ୍ରକଳ୍ପ ଥିଲେ ମଧ୍ୟ, ସେଥି ନଷ୍ଟ ହୋଇଯାଇଥିବାରୁ ଏବେ ସ୍ଥାୟୀ ସମାଧାନ ନାହିଁ। ବର୍ଷା ବା ମେଘୁଆ ପାଗ ହେଲେ ଆଲୋକ ମିଳୁନାହିଁ। ଏହା ସହିତ ମୋବାଇଲ ଚାର୍ଜ ପାଇଁ ମଧ୍ୟ ଲୋକମାନେ ଅନ୍ୟ ଗାଁକୁ ଯିବାକୁ ବାଧ୍ୟ। ନେଟୱାର୍କ ଥିଲେ ମଧ୍ୟ ବ୍ୟବହାରରେ ଅନେକ ଅସୁବିଧା ହେଉଛି। ସଂଧ୍ୟା ହେଲେ ପିଲାମାନଙ୍କ ପାଠ ବ୍ୟାଘାତ ହେଉଥିବା ବେଳେ ଅନ୍ ଲାଇନ୍ ପାଠ ପଢ଼ାରେ ମଧ୍ୟ ବାଧା ଉପୁଜୁଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। କାଣିଗୁମା ପଞ୍ଚାୟତର ନେହେଲା ସହ ଅରଖପେଡ଼ି, ଭୁଟୁରିଗୁଡା, ଖଡ଼କାଦୋରୋ ଓ ଲୋହରାଗୁଡା ଭଳି ଗାଁଗୁଡ଼ିକୁ ଆଜିପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ମିଳିନାହିଁ। ବିଦ୍ୟୁତ୍ ସଂଯୋଗ ପାଇଁ ଗ୍ରାମବାସୀ ଅନେକଥର ପ୍ରଶାସନଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳ ମିଳିନାହିଁ। ଜିଲ୍ଲାପାଳଙ୍କ ଶୁଣାଣିରେ ମଧ୍ୟ ଅଭିଯୋଗ ହୋଇଥିଲା, କିନ୍ତୁ ପଦକ୍ଷେପ ନ ହେବାରୁ ଗ୍ରାମବାସୀ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବିବାହ ଭୋଜିରେ ଗଣ୍ଡଗୋଳ; ଜଣେ ମୃତ
### ● ଏକାଧିକ ବ୍ୟକ୍ତି ଥାନାରେ ଅଟକ

ସିନାପାଲି, ୭ ।୪(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଚଉରା ସାଲେପଡ଼ାରେ ବିବାହ କାର୍ଯ୍ୟକ୍ରମ ଚାଲିଥିବା ବେଳେ ମାଂସ ଭୋଜିରେ ଗଣ୍ଡଗୋଳ ହୋଇ ଥିବା ବେଳେ ଜଣକୁ ଏକାଧିକ ବ୍ୟକ୍ତି ଆକ୍ରମଣ କରି ମାରି ଦେଇଥିବା ଜଣାପଡ଼ିଛି। ମୃତ ବ୍ୟକ୍ତି ଚଉରା ଗ୍ରାମର ଗୋପ ବନ୍ଦିଚୋର(୫୩)। ଘଟଣା ପରେ ପରିବାର ଲୋକେ ସିନାପାଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ଗତ ସୋମବାର ଦିନ ସାଲେପଡ଼ାରେ ମନବୋଧ ବନ୍ଦିଚୋରଙ୍କ ଝିଅ ବିବାହ କାର୍ଯ୍ୟକ୍ରମ ରହିଥିଲା। ସେହି କାର୍ଯ୍ୟକ୍ରମରେ ଗୋପ ବନ୍ଦିଚୋରଙ୍କୁ ନିମନ୍ତ୍ରଣ ହୋଇଥିଲା। ଗୋପ ବନ୍ଦିଚୋର ବିବାହ କାର୍ଯ୍ୟକ୍ରମକୁ ଯାଇଥିଲେ। ସେଠାରେ ଭୋଜିଭାତ ସମୟରେ ମାଂସ ଭାତ ପାଇଁ କିଛି ବ୍ୟକ୍ତି ତାଙ୍କ ସହ ଯୁକ୍ତିତର୍କ କରି ତାଙ୍କୁ ଟାଣିନେଇ ମାରପିଟ୍ କରିଥିଲେ। ସେଥୁ ଗୋପ ଗୁରୁତର ହୋଇ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିବା ବେଳେ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ସଙ୍କଟାପନ୍ନ ଥିବାରୁ ଡାକ୍ତର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ସେଠାରୁ ପରିବାରଲୋକେ ତାଙ୍କୁ ଚିକିତ୍ସା ପାଇଁ ଭବାନିପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିବା ବେଳେ ସେଠାରେ ତାଙ୍କ ଚିକିତ୍ସାଧିନ ସମୟରେ ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ଶବଦାହ ପାଇଁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଗଲା। ଏହି ଘଟଣା ପରେ ଖଡିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ଓ ସିନାପାଲି ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ପୁଲିସ ଟିମ୍ ତଦନ୍ତ ଆରମ୍ଭ କରି କିଛି ଲୋକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଜାରି ରଖିଥିବାବେଳେ ଅଭିଯୁକ୍ତ ଙ୍କୁ ଗିରଫ କରିଛନ୍ତି। ସିନାପାଲି ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ମ.ରାମପୁର, ୭ ।୪(ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ତଳସାଗରପଡ଼ା ନିକଟସ୍ଥ ଅନ୍ଧାରି ବୁରେଇ ନଦୀ ପଠାରେ ଥିବା କାଜୁ ଗଛରେ ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତକ ମହିଳା ତଳସାଗର ପଡ଼ାର ସିମାଞ୍ଚଳ ସାହୁଙ୍କ ପତ୍ନୀ କ୍ଷୀରବତୀ ସାହୁ(୫୩) ବୋଲି ଜଣାପଡ଼ିଛି। ସକାଳୁ କିଛି ଲୋକ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ କାଜୁ ଗଛରେ କ୍ଷୀରବତୀ ସାହୁଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତଳସାଗରପଡ଼ାର ମହିଳା କ୍ଷୀରବତୀ ସୋମବାର ରାତିରୁ ଘରୁ କୁଆଡେ ଚାଲି ଯାଇଥିଲେ। ତାଙ୍କର ସ୍ୱାସ୍ଥ୍ୟଗତ ଅବସ୍ଥା ଠିକ ନଥିବା ପରିବାର ଲୋକେ କହୁଥିବା ବେଳେ ତାଙ୍କ ପୁଅ ହେମନ୍ତ ସାହୁ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।ଖବର ପାଇ ମ.ରାମପୁର ଥାନା ପୁଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଏ ନେଇ ଥାନାରେ କେଶ ନଂ ୦୨/୨୦୨୬ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଜାରି ରହିଛି ବୋଲି ଏସଆଇ କବିତା ବାଗ ପ୍ରକାଶ କରିଛନ୍ତି।ଅନ୍ୟପଟେ ଯେହେତୁ ମହିଳାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିବା, ଆଣ୍ଠୁରେ ଅସ୍ତ୍ରୋପଚାର ହୋଇଥିବା ପରିବାର ଲୋକେ କହୁଥିବା ବେଳେ ମହିଳା ଜଣକ ରାତିରେ ନିଜ ଘରୁ ୩ କିଲୋମିଟର ଘଟଣାସ୍ଥଳକୁ କିପରି ଗଲା, କେଉଁ ପରିସ୍ଥିତିରେ ଆତ୍ମହତ୍ୟା କଲେ ତାହା ସାଧାରଣଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସ୍ୱାସ୍ଥ୍ୟ ସଚେତନତା

କେସିଙ୍ଗା, ୭ ।୪(ସମିସ): ଏସବିଆଇ ଓ ରାମକୀ ଫାଉଣ୍ଡେସନ ପକ୍ଷରୁ କେସିଙ୍ଗା ବ୍ଲକ ବାହାଦୁରପଦର ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟର ଗୁଣାତ୍ମକ ଉପଲବ୍ଧି ବିଷୟରେ ବୁଝା ଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଜେନ୍ଦ୍ରନାଥ ପଣ୍ଡାଙ୍କ ସଭାପତିତ୍ୱରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯତୀନ କୁମାର ନାଗ, ଈଶିତ ଡାଙ୍ଗ, ରାମକୀ ଫାଉଣ୍ଡେସନର ଡାକ୍ତର ବିମଳ ଚରଣ ଷଡଙ୍ଗୀ, ଫାର୍ମାସିଷ୍ଟ ଜୋସ୍ନାରାଣୀ ବେହେରା, ସଂସ୍ଥାର କଳାହାଣ୍ଡି ପିସି ଷ୍ଟାଫନର୍ସ ପଙ୍କଜିନି ରଣା, ଏଲଟି ନିତୁ ନାଏକ, ନିରଞ୍ଜନ ହାତୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରାୟ ୧୦୦ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଓ ତାହାର ସମାଧାନ ବିଷୟରେ ଜାଣିବାକୁ ପାଇଥିଲେ।

## ନୂଆପଡ଼ା ସଦର ମହକୁମାରେ ଯୁଗ୍ମ ଅଭିଯୋଗ ଶୁଣାଣି

ନୂଆପଡ଼ା, ୭ ।୪(ସମିସ): ନୂଆପଡ଼ା ଜିଲ୍ଲା ସଦରମହକୁମାସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳଙ୍କ ସହ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ), ସମୀର କୁମାର ସାହୁ, ବନଖଣ୍ଡ ଅଧିକାରୀ, (କେନ୍ଦୁପତ୍ର) ଏ ମାଧବୀଲତା, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଜିଲ୍ଲା ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଣଜିତ ନାୟକ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ, ନୂଆପଡ଼ା ପଞ୍ଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୮୧ଟି



ବ୍ୟକ୍ତିଗତ ଓ ୧୦ଟି ଗୋଷ୍ଠୀଗତ ମୋଟ ୯୧ଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ।ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ, ଜିଲ୍ଲାପାଳ ବେଦବାଇ ଶବର ଓ ଜାନକୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ପ୍ରଦାନ କରିଥିଲେ। ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ପ୍ରକାଶ ସାହୁ, ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ଓ ଲଲାଟେନ୍ଦୁ ଦଣ୍ଡସେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ପାଇଁ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା ଅପରାହ୍ନରେ ବିରୋମାଲ ପଞ୍ଚାୟତରେ ପରିବର୍ଦ୍ଧିତ ଜନଶୁଣାଣି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ମାଂସପେଶୀ ଦୁର୍ବଳତା ରୋଗୀ ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା




ନୂଆପଡ଼ା, ୭ ।୪(ସମିସ): ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ମାଂସପେଶୀ ଦୁର୍ବଳତା ବା ଡୁଚେନ୍ ମସ୍କ୍ୟୁଲାର ଡିସ୍ଟ୍ରୋଫି (ଡିଏମ୍‌ଡି) ରୋଗରେ ପୀଡ଼ିତ ଏକ ଶିଶୁର ପରିବାରକୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ଜିଲ୍ଲାମୁଖ୍ୟାଳୟରେ ପୀଡିତ ଶିଶୁର ପିତା ପ୍ରେମଲାଲ କେଉଟଙ୍କୁ ୧୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଡେପୁଟୀ ଜିଲ୍ଲାପାଳ (ଜରୁରୀକାଳୀନ) ଲଲାଟେନ୍ଦୁ ଦଣ୍ଡସେନା ଉପସ୍ଥିତ ଥିଲେ। ପୂର୍ବରୁ ସିଡିଏମଓ ଏବଂ ପିଏଚ୍‌ଓ ନୂଆପଡ଼ାଙ୍କ ମେଡିକାଲ ବୋର୍ଡ ରିପୋର୍ଟ ଆଧାରରେ ଜିଲ୍ଲାପାଳ ରାଜ୍ୟ ସରକାରଙ୍କ ନିକଟରେ ସହାୟତା ପାଇଁ ସୁପାରିଶ କରିଥିଲେ। ଏହି ଅର୍ଥ ପୀଡିତ ଶିଶୁର ଚିକିତ୍ସା, ବିଶେଷତଃ ଇଲେକ୍ଟ୍ରିକ୍ ହୁଇଲଚେୟାର, ଯଥୋଚିତ ଫିଜିଓଥେରାପି, ଜେନେଟିକ ଟେଷ୍ଟ ଓ ଉଚ୍ଚଚିକିତ୍ସା ସଂସ୍ଥାରେ ଚିକିତ୍ସା ଖର୍ଚ୍ଚ ପାଇଁ ବ୍ୟୟ କରାଯିବ ବୋଲି କୁହାଯାଇଛି। ଜିଲ୍ଲାପାଳ ସହାୟତା ରୋଗୀଙ୍କ ଚିକିତ୍ସା ପାଇଁ ବଡ଼ ସହାୟକ ହେବ ବୋଲି କହିଥିଲେ।

## ବିଜେପିର ପ୍ରତିଷ୍ଠା ଦିବସ ପାଳନ

କଲମପୁର, ୭ ।୪(ସମିସ): କଳାହାଣ୍ଡି ଜିଲ୍ଲା ବିଜେପି କଲମପୁର ମଣ୍ଡଳ ସଭାପତି ହିତେଶ ରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ବିଜେପିର ପ୍ରତିଷ୍ଠା ଦିବସ କଲମପୁର ଧାନ ମଣ୍ଡି ପରିସରରେ ପାଳିତ ହୋଇଯାଇଛି। ୧୯୮୦ ମସିହା ଏପ୍ରିଲ ୬ତାରିଖ ଦିନ ବିଜେପି ନୂତନ ଦଳ ଭାବେ ଗଠନ ହୋଇଥିଲା ବୋଲି ଉପସ୍ଥିତ ବକ୍ତାମାନେ ମତପ୍ରକାଶ କରିଥିଲେ। ମଣ୍ଡଳ ସଭାପତି ଶ୍ରୀ ପାତ୍ରଙ୍କ ସମେତ ଥୁଆମୂଳରାମପୁର ବିଜେପି ମଣ୍ଡଳ ପ୍ରଭାରୀ ଘନଶ୍ୟାମ ନାଏକ, ରଣମାଲ ମଣ୍ଡଳ ପ୍ରଭାରୀ ସୁଶାନ୍ତ ରାଉତ, ସାଧାରଣ ସମ୍ପାଦକ ସତ୍ୟବାନ ରାଉତ, ଉପ ସଭାପତି ସରୋଜ ସାହାଣୀ, କୋଷାଧକ୍ଷ ରୁଦ୍ର ଲହଜଲ ପ୍ରମୁଖଙ୍କ ସହ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ହୋମସିଂ ମାଝୀ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ



ନୂଆପଡ଼ା, ୭ ।୪(ସମିସ): ନୂଆପଡ଼ା ଜିଲ୍ଲା ସ୍ୱତନ୍ତ ପରିଷଦ ଅଧକ୍ଷ ଭାବେ ନୂଆପଡ଼ାର ହୋମସିଂ ମାଝୀ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଛନ୍ତି। ଖବର ପ୍ରଚାରିତ ହେବାପରେ ତାଙ୍କର ଶୁଭେଚ୍ଛୁ ମହଲରେ ଖୁସିର ଲହରୀ ଖେଳିଯାଇଛି। ହୋମସିଂ ମାଝୀ ଜଣେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ। ସେ ଗତ ୨୦୧୯ ବିଧାନସଭା ନିର୍ବାଚନରେ ବିଜେପି ତରଫରୁ ୭୧ ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଭାବେ ଛିଡା ହୋଇଥିଲେ।ସୋମବାର ସନ୍ଧ୍ୟାରେ ଶ୍ରୀମାଝି ଭୁବନେଶ୍ୱରରୁ ଘରକୁ ଫେରିବା ପରେ ଗ୍ରାମବାସୀ ସହ ସ୍ଥାନୀୟ ଅଞ୍ଚଳର ଲୋକେ ବନ୍ଧାପନା ଦେଇ ସ୍ୱାଗତ କରିଥିଲେ। ସେ ଜିଲ୍ଲାର ସାମଗ୍ରୀକ ଉନ୍ନୟନ ପାଇଁ କାମ କରିବେ ବୋଲି ଜିଲ୍ଲାବାସୀଙ୍କୁ କହିଛନ୍ତି।

### ● କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପୁନଃଗଠିତ
## ବିଜୟ ଦିଶାରୀ ଅଧକ୍ଷ, ରୀନା ଭୋଇ ଉପାଧକ୍ଷା





ଭବାନୀପାଟଣା, ୭ ।୪(ସମିସ): ବିଜେଡି ଶାସନ ସମୟରେ ରୂପ ନେଇଥିବା କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦକୁ ପୁନଃଗଠନ କରାଯାଇଛି।ଏହାର ନୂତନ ଅଧକ୍ଷ ଭାବେ ବରିଷ୍ଠ ବିଜେପି ନେତା ବିଜୟ ଦିଶାରୀଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଉପାଧକ୍ଷ ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ରୀନା ଭୋଇଙ୍କ ନାମ ଘୋଷଣା କରାଯାଇଛି। ଶ୍ରୀ ଦିଶାରୀ ପୂର୍ବରୁ ଲାଞ୍ଜିଗଡ଼ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଆଗକୁ ଜୟପାଟଣା ଓ ନର୍ଲା ଏନ୍‌ଏସି ନିର୍ବାଚନ ରହିଥିବା ବେଳେ ଶ୍ରୀ ଦିଶାରୀ ଜୟପାଟଣା ଓ ସୁଶ୍ରୀ ଭୋଇ ନର୍ଲା ଅଞ୍ଚଳର ହୋଇଥିବାରୁ ରାଜନୈତିକ ଦୃଶ୍ୟପଟ ସରଗରମ ରଖିବା କ୍ଷେତ୍ରରେ ନିଯୁକ୍ତି ବେଶ ଗୁରୁତ୍ୱ ବହନ କରୁଛି।

### ମାଁ ମାଣିକେଶ୍ୱରୀଙ୍କ ଦର୍ଶନ କଲେ ଅଧକ୍ଷ ଓ ଉପାଧକ୍ଷ

ବିଜୟ ଦିଶାରି ଓ ରୀନା ଭୋଇ ଭବାନୀପାଟଣା ପହଞ୍ଚିବା ମାଁ ମାଣିକେଶ୍ୱରୀ ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରି ସର୍କିଟ ହାଉସ ପହଞ୍ଚି ଥିଲେ। ସେଠାରେ ଭବାନୀପାଟଣା ନଗର ମଣ୍ଡଳ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନଗର ସଭାପତି ଚିତ୍ତରଞ୍ଜନ ପାତ୍ର, ଜିଲ୍ଲା ସମ୍ପାଦକ ସନ୍ତୋଷ ବିଶି, ଜିଲ୍ଲା ମହିଳା ମୋର୍ଚ୍ଚା ସମ୍ପାଦିକା ସୋଭଗିନି ପାତ୍ର, ନଗର ସାଧାରଣ ସମ୍ପାଦକ ପ୍ରଦୀପ



ଦାସ, ବରିଷ୍ଠ ବିଜେପି ନେତା ତଥା ରାଜ୍ୟ ପରିଷଦ ସଦସ୍ୟ ତଥା ଗତ ନିର୍ବାଚନର ଲାଞ୍ଜିଗଡ଼ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ବିଧାୟକ ଅନାମ ନାଏକ, ଜିଲ୍ଲା ମିଡିଆ ସଂଯୋଜକ ନରହରି ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଶରତ ନାଏକ, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଅଭିନାଶ ନନ୍ଦ ଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ● ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି ମନୋଭାବ
## ୧୫ ବର୍ଷ ପରେ ବି ମିଳୁନି ଗ୍ରୀନ୍‌କାର୍ଡ ସୁବିଧା

କୋମନା, ୭ ।୪(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକରୁ ଏକ ଅଭାବନୀୟ ଚିତ୍ର ସାମ୍ନାକୁ ଆସିଛି। ଜଣେ ହିତାଧିକାରୀ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରିବାର ଦୀର୍ଘ ୧୫ ବର୍ଷ ପରେ ମଧ୍ୟ ବିଭାଗୀୟ ଅବହେଳା ଯୋଗୁଁ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କୋମନା ବ୍ଲକ ଅନ୍ତର୍ଗତ ମହୁଲଭଟା ଗ୍ରାମର ଗାୟତ୍ରୀ ବେହେରା ଗତ ୧୮.୮.୨୦୧୧ ରିଖରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଇଥିଲେ। ସେହି ସମୟରେ ତାଙ୍କୁ ସମସ୍ତ ଯାଞ୍ଚ ପରେ ଏକ 'ଗ୍ରୀନ୍ କାର୍ଡ ଭେରିଫିକେସନ୍ ରିପୋର୍ଟ' ପ୍ରଦାନ କରାଯାଇଥିଲା। ଉକ୍ତ ରିପୋର୍ଟରେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସ୍ୱାକ୍ଷର ଓ ମୋହର ରହିଥିଲା। ଆଶ୍ଚର୍ଯ୍ୟର କଥା ଯେ, ୨୦୧୧ ମସିହାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଗ୍ରୀନ୍‌କାର୍ଡ ମିଳିପାରି ନାହିଁ। ସୂଚନାଯୋଗ୍ୟ ଯେ, ଗ୍ରୀନ୍‌କାର୍ଡଧାରୀଙ୍କ ପାଇଁ ସରକାରୀ ଚାକିରି, ଶିକ୍ଷା ଏବଂ ଆବାସ ଯୋଜନାରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ରହିଛି। ମାତ୍ର ସ୍ୱାସ୍ଥ୍ୟ ବିଭାଗର କିଛି କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଜଣଙ୍କ ପରିବାର ବଞ୍ଚିତ ହୋଇ ରହିଛନ୍ତି। ବାରମ୍ବାର କାର୍ଯ୍ୟାଳୟ ଦୌଡ଼ିବା ପରେ ମଧ୍ୟ କେବଳ ପ୍ରତିଶ୍ରୁତି ଛଡ଼ା କିଛି ମିଳୁନାହିଁ। ଏନେଇ ହିତାଧିକାରୀ ବର୍ଷ ବର୍ଷ ଅପେକ୍ଷା କରିବ ପରେ ସିଏମ୍‌ଓ ଗ୍ରୀଭେନ୍ସରେ ଅଭିଯୋଗ ଦାଖଲ ମଧ୍ୟ କରିଛନ୍ତି। କାହିଁକି ଜଣେ ହିତାଧିକାରୀଙ୍କ ଫାଇଲ୍ ୧୦ ବର୍ଷରୁ ଅଧିକ ସମୟ ଧରି ପଡ଼ି ରହିଛି, ସେ ନେଇ ଉଚ୍ଚସ୍ତରୀୟ ତଦନ୍ତ ସହ ତୁରନ୍ତ ଗ୍ରୀନ୍‌କାର୍ଡ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# କାଳବୈଶାଖୀରେ ବ୍ୟାପକ ଚାଷ ନଷ୍ଟ

ସିନାପାଲି, ୭ ।୪(ସମିସ)

କାଳବୈଶାଖୀ ତାଣ୍ଡବ କୁଆପଥର ସାଙ୍ଗକୁ ବର୍ଷା ପବନ ମାଡରେ ଚାଷୀଙ୍କ ହେକ୍ଟର ହେକ୍ଟର ଧାନ ଓ ପନିପରିବା ଚାଷ ନଷ୍ଟ ହୋଇଯାଇଛି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ବରଗାଁ, ଜାମଗାଁ, ସାଲେକେଟା, ପଲସାପଡ଼ା, ନଦୀ ଗାଁ, ଗୋଡ଼ଳ ସମେତ ବିଭିନ୍ନ ଅଞ୍ଚଳରେ ଚାଷ ସବୁ ଉଜୁଡ଼ି ଯାଇଥିବା ଦେଖିବାକୁ ମିଳିଛି।ଚାଷୀମାନେ ଭାଙ୍ଗିପଡ଼ି ମୁଣ୍ଡରେ ହାତ ଦେଇଥିବା ବେଳେ ତାଙ୍କର ଲକ୍ଷ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଛି। ପ୍ରକାଶ ଯେ ଗତ ରବିବାର ଓ ସୋମବାର ସନ୍ଧ୍ୟାରେ ପ୍ରବଳ କୁଆପଥର ସହ ବର୍ଷା ପବନ ହୋଇଥିଲା। ସେଥିଯୋଗୁଁ ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ, ଗଛ ପଡ଼ିଥିବା



ବେଳେ ପାଣି ଜମି ରହିଥିଲା। ତୁରନ୍ତ ଦମକଳ ବାହିନୀ ଓ ବିଦ୍ୟୁତ୍ କର୍ମଚାରୀ ବିଭିନ୍ନ ସ୍ଥାନରେ ଗଛ କାଟି ସଫା କରିବା ସହ ବିଦ୍ୟୁତ୍ ସମସ୍ୟା ସ୍ୱାଭାବିକ କରିଥିଲେ।ବର୍ଷା ପବନରେ ସିନାପାଲି ଅଞ୍ଚଳର ଚାଷୀମାନଙ୍କ ଧାନ ପନିପରିବା ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଚାଷୀଙ୍କ ଅଭିଯୋଗ ଶୁଣି ସିନାପାଲି ବ୍ଲକ କୃଷି ଅଧିକାରୀ ସୁଧାଂଶୁ ମେହେର ଚାଷୀଙ୍କ ପାଖରେ ପହଞ୍ଚି ଚାଷ ଜମି ବୁଲି ଦେଖିଥିଲେ। ସରକାରୀ ନିୟମ ମୁତାବକ ଚାଷୀଙ୍କୁ କ୍ଷୟକ୍ଷତି ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଧିକାରୀ ଶ୍ରୀ ମେହେର ସହ ବିଟିଏଫ ଶ୍ରୀ ଧାକଡ ଉପସ୍ଥିତ ଥିଲେ। ବରଗାଁ ର ଚାଷୀ ଜଗତରାମ ସା, ଗୋପାଳ ସୁନାନୀ, ମୋତିଲାଲ କଟା, ଦୁସାସନ ସା, ଦେବରାଜ ସା, ଭିମ ସା, ଭୁଜ ସା, ମୁନୁ

**କ୍ଷୟକ୍ଷତି ବୁଲି ଦେଖିଲେ କୃଷି ଅଧିକାରୀ**

ସୁନାନୀ, ଜଗବନ୍ଧୁ ସୁନାନୀ, ମକୁନ କଟା, ବନମାଳୀ ସା, ଜଗମୋହନ ସା, ଘନଶ୍ୟାମ କଟା। ସେହିପରି ସାଲେକେଲା ଗ୍ରାମର ଶୋଭା ନିଆଲ। ଜାମଗାଁର ବିର ଚିନ୍ଦା, ପଲସାପଡ଼ାର ଟୁନା ଜଗତ ସମେତ ବିଭିନ୍ନ ଗାଁରେ ଚାଷୀଙ୍କ କ୍ଷୟକ୍ଷତି ହୋଇଛି।

## ସିଟିଜେନ ଫୋରମର ବାର୍ଷିକ ଅଧିବେଶନ

କୋକସରା, ୭ ।୪(ସମିସ): ବଡକେନ୍ଦୁଗୁଡାସ୍ଥିତ କାଲେଶ୍ୱର ମହାଦେବଙ୍କ ମନ୍ଦିରରେ ବ୍ଲକ ସିଟିଜେନ ଫୋରମର ବାର୍ଷିକ ସାଧାରଣ ଅଧିବେଶନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ସଭାପତି ବ୍ୟୋମକେଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ସିଟିଜେନ ଫୋରମ୍‌ର ଉପଦେଷ୍ଟା ବଜେନ୍ଦ୍ର କୁମାର ପାଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।ଜିଲ୍ଲା ସିଟିଜେନ ଫୋରମ୍‌ର ସଭାପତି ରାମଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା, ସମାଜସେବୀ କୁମୁଦ ଚନ୍ଦ୍ର ବେହେରା, ଧର୍ମଗଡ଼ ବିଧାୟକଙ୍କ ପ୍ରତିନିଧି ଭାବରେ ତ୍ରିନାଥ ଶବର, ବରିଷ୍ଠ ସଦସ୍ୟ ସୁଧାଂଶୁ ନେଗୀ କୋକସରା ବ୍ଲକ ସିଟିଜେନ ଫୋରମ୍‌ର ସମ୍ପାଦକ ମିନ କେତେକ ପ୍ରଧାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମଗ୍ରିକ ବିକାଶ ପାଇଁ ସରକାରୀ, ବେସରକାରୀ ଓ ସମସ୍ତଙ୍କ ସହଭାଗିତା ମାଧ୍ୟମରେ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ସୁଧାର ଆଣିବା ହିଁ ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷା, ସମାଜସେବା ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସିଟିଜେନ ଫୋରମ ପକ୍ଷରୁ ବରିଷ୍ଠ ଶିକ୍ଷକ ସୁଧୀର କୁମାର ପଣ୍ଡା, ଅଧ୍ୟାପକ ମୋହନ ଚରଣ ବିଷି, ବରିଷ୍ଠ ସାମ୍ବାଦିକ ଜତିନ୍ଦ୍ର ପଟ୍ଟନାୟକ ଓ ନାଟ୍ୟଗୁରୁ ଚିନ୍ତାମଣି ପଟେଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପକ ମୋହନ ଚରଣ ବିଷି ସଂଯୋଜନା କରିଥିବା



ବେଳେ ସିଟିଜେନ ଫୋରମର ବରିଷ୍ଠ ସଭ୍ୟ ଶ୍ରୀନିବାସ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ।ବରିଷ୍ଠ ସଭ୍ୟ ଗୁଣନିଧି ବାଗ, ବୁଟୁନାଥ ସରାବୁ, ମୁକ୍ତେଶ୍ୱର ପଟ୍ଟନାୟକ, ଧବଳେଶ୍ୱର ନାଗ, ଧନେଶ୍ୱର ପଣ୍ଡା, ବ୍ୟମକେଶ ସାହୁ, ଜୟଲାଲ ନାଏକ, ଭାଗ୍ୟବାନ ବାଗ, ସୁବାସ ନାଏକ, ଲକ୍ଷ୍ମଣ ଶବର, ପ୍ରଭାକର ବେହେରା, ବାହାଦୁର ମାଝୀ, ଗାରୁଧ୍ୱଜମାଝୀ, ଆଦିତ୍ୟ ପଣ୍ଡା, ଜିତେନ୍ଦ୍ର ପଣ୍ଡା, ଟିକିଚନ୍ଦ୍ର ଧଙ୍ଗଡ଼ାମାଝି, କୁମୁଦ ଚନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

